# ଜରାଜୀର୍ଣ୍ଣ ଅବସ୍ଥାରେ ବୃନ୍ଦାବନ ପ୍ୟାଲେସ୍

■ତୃତୀୟ ମହଲାର ଗୋଟିଏ ପାର୍ଶ୍ୱ ଛାତ ଦବୁଛି
■ଇଟାଲିଆନ୍‌ମାନେ ପ୍ରସ୍ତୁତ କରିଥିଲେ ନକ୍ସା

ପାରଳାଖେମୁଣ୍ଡି,୧।୧(ଗିରିଧାରୀ ପରିଛା)

ଗଜପତି ଜିଲାରେ ଅନେକ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସତ୍ତା ହରାଇବାକୁ ବସିଲାଣି। ଏଥିରୁ ରାଜବଂଶର କୀର୍ତ୍ତି ବହନ କରୁଥିବା ବୃନ୍ଦାବନ ପ୍ୟାଲେସ୍ ବା ବସନ୍ତ ନିବାସ ଅନ୍ୟତମ। ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ରହିଛି ମହାରାଜା ଗୌରଚନ୍ଦ୍ର ଗଜପତି ଓ ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଗଜପତିଙ୍କ 'ବୃନ୍ଦାବନ ପ୍ୟାଲେସ୍'। ଏକଦା ମହେନ୍ଦ୍ରତନୟା ନଦୀକୂଳରେ ୧୭ ଏକର ପରିମିତ ଜମିରେ ନିର୍ମାଣ ହୋଇଥିଲା ଏହି ରାଜ ପ୍ରାସାଦ।

ଗବେଷକଙ୍କ ମତରେ, ୧୮୯୦ରୁ ୧୯୦୫ ମଧ୍ୟରେ ଏହି ସୌଧ ନିର୍ମିତ ହୋଇଥିଲା। ଇଟାଲିଆନମାନେ ଏହାର ନକ୍ସା ପ୍ରସ୍ତୁତ କରିଥିଲେ। ସେତେବେଳେ ଇଟାଲିର ଇଞ୍ଜିନିୟରଙ୍କ ଦ୍ୱାରା ୧୦ ଲକ୍ଷ ଟଙ୍କା ବ୍ୟୟବରାଦରେ ପ୍ୟାଲେସ୍ ନିର୍ମାଣ ହୋଇଥିବା ଅନେକ ବୁଦ୍ଧିଜୀବୀ କହନ୍ତି।


ତୃତୀୟ ମହଲାର ଜରାଜୀର୍ଣ୍ଣ ଛାତ।

ଏହି ପ୍ୟାଲେସ୍ ତଟରେ ବୋହିଯାଉଛି ମହେନ୍ଦ୍ରତନୟା ନଦୀ। ସବୁଜିମା ପରିବେଶରେ ରହିଥିବା ପ୍ୟାଲେସ୍ ବେଶ୍ ମନମୁଗ୍ଧକର। ଏହି ପ୍ରାସାଦ ଓଡ଼ିଶାର ଗଜପତି ଜିଲାର ଐତିହାସିକ ସ୍ମୃତି ବହନ କରେ। ପାରଳାଖେମୁଣ୍ଡି ସହରର ମାତ୍ର ୩ କି.ମି. ଦୂରରେ ଥିବା ଏହି ପ୍ୟାଲେସ୍‌ରେ ମହାରାଜା ପରିବାର ସହ ଆସି ଗ୍ରୀଷ୍ମ ଅବକାଶ କଟାଉଥିଲେ। ଏଥିଯୋଗୁ ଏହାକୁ ବସନ୍ତ ନିବାସ ମଧ୍ୟ କୁହାଯାଏ। ଉକ୍ତ ଐତିହାସିକ ସ୍ମାରକୀ, ଏହାର ଗଠନ ଶୈଳୀ ଓ ପ୍ରାକୃତିକ ପରିବେଶକୁ ଉପଲବ୍ଧି ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ଅସ୍ତିତ୍ୱ ହରାଇବାକୁ ବସିଲାଣି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର ଚିନ୍ତା ମଧ୍ୟ କରାଯାଉନି। ଆବଶ୍ୟକ ମରାମତି ଅଭାବରୁ ପ୍ୟାଲେସ୍ ନଷ୍ଟ ହେବାକୁ ବସିଲାଣି। କିଛିବର୍ଷ ତଳେ ଏହାର ବିକାଶ ପାଇଁ ବ୍ୟୟବରାଦ କରାଯାଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ଏସବୁ ନଷ୍ଟ ହୋଇଗଲାଣି। କାମ ନାମରେ ବୃନ୍ଦାବନ ପ୍ୟାଲେସ୍‌ର ପୁରାତନ କଳାକୃତି ମୂର୍ତ୍ତିଗୁଡ଼ିକୁ କେହି ନେଇଯାଇଥିବା ବେଳେ ରାଣୀକୁଣ୍ଡ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ପର୍ଯ୍ୟଟକଙ୍କ ଲାଗି ପେଭର ବ୍ଲକରେ ନିର୍ମିତ ଚଲାପଥ, ବସିବାସ୍ଥଳ, ପିକ୍‌ନିକ୍ ସ୍ଥାନ ନିର୍ମିତ ହୋଇଥିଲା। ଏଗୁଡ଼ିକ ଏବେ ନଷ୍ଟ ହେବାରେ ଲାଗିଛି। ଜିଲା ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନି। ଫଳରେ ପ୍ରାସାଦର ବହୁ ଅଂଶ ଭଗ୍ନ ଅବସ୍ଥାରେ ରହିଛି। ସେହିପରି ତୃତୀୟ ମହଲାର ଗୋଟିଏ ପାର୍ଶ୍ୱରେ ଛାତ ଦବିବାରେ ଲାଗିଛି। ଏହାର ବିରାଟକାୟ ପାଚେରିରେ ଫାଟ ଦେଖାଦେଲାଣି। ଛାତର ତଳପଟ ପଲସ୍ତରା ଛାଡିଗଲାଣି। ତଥାପି ଏହି ଐତିହାସିକ ପ୍ରାସାଦକୁ ଦେଖିବାକୁ ପ୍ରତ୍ୟହ ବହୁ ପର୍ଯ୍ୟଟକ ଆସନ୍ତି। ବିଶେଷ କରି ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରୁ ଲୋକେ ଏଠାକୁ ଆସିଥାନ୍ତି। ଏଠାରେ ସ୍ଥାୟୀ ଜଗୁଆଳି କିମ୍ବା କର୍ମଚାରୀ ନାହାନ୍ତି। ଜଣେ ଅସ୍ଥାୟୀ ଜଗୁଆଳି ରହିଛନ୍ତି। ତାଙ୍କୁ ବିଭାଗ ପକ୍ଷରୁ କୌଣସି ମାସିକ ଭତ୍ତା କିମ୍ବା ଦୈନିକ ମଜୁରି ମିଳୁନାହିଁ। ପର୍ଯ୍ୟଟକମାନେ ଯାହା ଅର୍ଥ ଦେଉଛନ୍ତି ତାହାକୁ ନେଇ ସେମାନେ ରହିଥିବା ଜଣାପଡିଛି। ଏପରି ଏକ ଗୁରୁତ୍ୱ ବହନ କରୁଥିବା ଜିଲାର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଜିଲା ସଦର ମହକୁମାରେ ରହିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେବା ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି।

## ଧ୍ୟାନ, ପ୍ରାର୍ଥନାରେ ନୂତନ ବର୍ଷକୁ ସ୍ୱାଗତ

ଆସିକା,୧।୧(ସୁରେନ୍ଦ୍ର ନାଥ ସାହୁ):

ଆସିକା ସହର ଉପକଣ୍ଠ ରେଣ୍ଟୀ ଦାମୋଦରପଲ୍ଲୀସ୍ଥିତ ଶ୍ରୀଅରବିନ୍ଦ ଦିବ୍ୟ ଚେତନା ଆଶ୍ରମ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବୁଧବାର ନବବର୍ଷର ପ୍ରଥମ ଦିନକୁ ସ୍ୱାଗତ ପାଇଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଙ୍ଗଳବାର ରାତି ୧୨ଟାରେ ଦିବ୍ୟ ଚେତନା ଆଶ୍ରମରେ ହୋଇଥିବା କାର୍ଯ୍ୟକ୍ରମରେ ଧ୍ୟାନ, ପ୍ରାର୍ଥନା, ଦୁର୍ଗା ସ୍ତୋତ୍ରପଠନ ଓ ନୂଆବର୍ଷ ସମ୍ପର୍କରେ ଶ୍ରୀ'ମାଙ୍କ ବାଣୀ ପଠନ କରାଯାଇ ଆଲୋଚନା କରାଯାଇଥିଲା। ସେହିଭଳି ବୁଧବାର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଶିକ୍ଷାକେନ୍ଦ୍ରରୁ ବାହାରି ଦିବ୍ୟଚେତନା ଆଶ୍ରମରେ ଦର୍ଶନ ପରେ ଫେରିଥିଲେ। ଶିକ୍ଷାକେନ୍ଦ୍ରରେ ମଧ୍ୟ ଏହି ଉତ୍ସବ ପାଳିତ ହୋଇଥିଲା। ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଦିବ୍ୟଚେତନା ଆଶ୍ରମର ସମ୍ପାଦକ ଉଦୟନାଥ ରେଣ୍ଟୀ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସୁକାନ୍ତ କୁମାର ପଟ୍ଟନାୟକଙ୍କ ସହ ଛାତ୍ରୀଛାତ୍ର ଓ ଶ୍ରଦ୍ଧାଳୁମାନେ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ସଂକ୍ଷେପରେ

### ରୋଟାରୀ କ୍ଲବ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ଛତ୍ରପୁର,୧।୧( ଦିଲୀପ ସାମଲ):

ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ଆନୁକୂଲ୍ୟରେ ଏହାର ବରିଷ୍ଠ ସଭ୍ୟ ଯୋଗେନ୍ଦ୍ର କାପୁରଙ୍କ ତରଫରୁ ଛତ୍ରପୁର ବ୍ଲକ ଅନ୍ତର୍ଗତ ରାମପଲ୍ଲୀ ଗ୍ରାମର ଆର୍ଥିକ ଅନଗ୍ରସର ଶ୍ରେଣୀର ୧୦୨ଜଣ ମହିଳାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। କ୍ଲବ ସଭାପତି ଜୟନ୍ତ କିଶୋର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବର ପୂର୍ବତନ ସଭାପତି ଆଇ.ରାଜେଶ୍ୱର ରାଓ, ନାରସୁ ଜେନା ଏବଂ କ୍ଲବର ପ୍ରୋଜେକ୍ଟ ଡାଇରେକ୍ଟର ତଥା ପୂର୍ବତନ ସଭାପତି କାମରାଜୁ ମହାରଣା ଉପସ୍ଥିତ ରହି ଶୀତବସ୍ତ୍ର ବଣ୍ଟନ କରିଥିଲେ। କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଗଗନ ବିହାରୀ ସାହୁ, ସଭ୍ୟ କୃଷ୍ଣ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ଲବ ପ୍ରୋଜେକ୍ଟ ଡାଇରେକ୍ଟର କାମରାଜୁ ମହାରଣା ଗ୍ରାମବାସୀ ଓ କର୍ମକର୍ତ୍ତାଙ୍କୁ ସହାୟତା ପାଇଁ ଧନ୍ୟବାଦ ଦେଇଥିଲେ।

### ଜିଲା କଳା ଓ ସଂସ୍କୃତି ସଂଘ ବୈଠକ

ଧରାକୋଟ,୧।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକର ପୁଟୁ ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିର ପରିସରରେ ଗଞ୍ଜାମ ଜିଲା କଳା ଓ ସଂସ୍କୃତି ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ସଂସ୍କୃତି ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ନିସଙ୍କୁ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା କଳା ଓ ସଂସ୍କୃତି ବିଭାଗ ଉପ ସଭାପତି ସନ୍ତୋଷ କୁମାର ପାଢୀ, ଜିଲା ଦଣ୍ଡନାଚ ମହାସଂଘ ସଭାପତି ଶିବରାମ ପ୍ରଧାନ, ମୁଖ୍ୟବକ୍ତା ଭାବେ ଭାରତ ଲୀଳା ଗବେଷକ ନବଘନ ପରିଡ଼ା, ଅନ୍ୟତମ ଅତିଥି ଭାବେ ବ୍ଲକ ଉପସଭାପତି ସୁବାସ ସ୍ୱାଇଁ, ପାଲା ଗାୟିକା ଗୀତାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଲୋକକଳାକୁ ଉଜ୍ଜୀବିତ କରି ରଖିବା, କଳା ଓ କଳାକାରଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ଲୋକକଳା ଓ ଯାତ୍ରା ପରିବେଷଣ ସମୟରେ ଅଶ୍ଳୀଳତା ବନ୍ଦ କରିବା, ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ କଳାକାରଙ୍କୁ ପରିଚୟ ପତ୍ର ପ୍ରଦାନ, କଳାକାର ଭତ୍ତା ବୃଦ୍ଧି, ବ୍ଲକସ୍ତରରେ କଳାକାରମାନଙ୍କ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ ପାଇଁ ବୈଠକରେ ଦାବି ଉପସ୍ଥାପନ ହୋଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ୨୨ଟି ବ୍ଲକର ଉପ ସଭାପତିମାନଙ୍କ ସହ ଧରାକୋଟ ବ୍ଲକର ସମସ୍ତ କଳାକାର ଉପସ୍ଥିତ ଥିଲେ।

### ସଡ଼କ ସୁରକ୍ଷା ନେଇ ସଚେତନତା



ଦାରିଙ୍ଗବାଡ଼ି,୧।୧(ଅରୁଣ ସାହୁ):

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ପ୍ରାୟ ସମୟରେ ଛୋଟ ବଡ଼ ଦୁର୍ଘଟଣା ଦେଖାଯିବା ସହ ଅନେକ ଲୋକଙ୍କ ଅକାରଣରେ ଜୀବନ ଯାଉଛି। ଦ୍ରୁତଗତିରେ ଗାଡ଼ି ଚାଳନା, ହେଲମେଟ ଓ ସିଟ ବେଲ୍‌ଟ ବ୍ୟବହାର ନ କରିବା କାରଣରୁ ମଧ୍ୟ ଜୀବନ ଯାଉଛି। ଏହାକୁ ଜିଲା ପୋଲିସ ଗୁରୁତ୍ୱ ଦେଇଛି। କନ୍ଧମାଳ ଏସ୍‌ପି ହରିଶ ବିଶିଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ସହଯୋଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଆଇସି (ଇଷ୍ଟ ଇଣ୍ଡିଆ କଂସେରସିୟମ) ପକ୍ଷରୁ ୫୯ନଂ ଜାତୀୟ ରାଜପଥ ସମେତ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ହେଲମେଟ୍ ଓ ସିଟ୍ ବେଲଟ ପିନ୍ଧିଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଉଛି। ଯେଉଁମାନେ ଏହା ପିନ୍ଧି ନାହାନ୍ତି ସେମାନଙ୍କୁ ହେଲମେଟ ଓ ସିଟ ବେଲ୍‌ଟ ବ୍ୟବହାର କରିବା ଦ୍ୱାରା କ'ଣ ସବୁ ଫାଇଦା ମିଳିବ ସେନେଇ ସଚେତନ କରାଯାଇଥିଲା। ଗାଡ଼ି ଚଳାଇଲା ବେଳେ ଦୂରତା ଅବଲମ୍ବନ କରିବା ସହିତ ସମସ୍ତ ନିୟମକୁ ଠିକ୍ ଭାବରେ ମାନି ଚଳିବାକୁ ସେମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚକ୍ରଧର ମହାରଣା, ରାକେଶ ସାହୁ, ମୃତ୍ୟୁଞ୍ଜୟ ମୁଦୁଲି, କବି ଭଙ୍ଗ, ଗଦାଧର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# ସାଲୁଙ୍କୀ ଡ୍ୟାମ୍, ଅବ୍ୟବସ୍ଥା ପରେ ବି ବଢୁଛି ପର୍ଯ୍ୟଟଙ୍କ ଭିଡ଼

ଖଜୁରୀପଡ଼ା,୧।୧ (ବିଦୁର ବେହେରା)



ନୂଆ ବର୍ଷ ପାଇଁ ଚଳଚଞ୍ଚଳ ହୋଇଉଠିଛି ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ପିଲା ସାଲୁଙ୍କୀ ଡ୍ୟାମ୍। ଦୁଇ ଦିନ ହେବ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ଏହା ସହିତ ଭୋଜି ଭାତର ଆସର ମଧ୍ୟ ଜମୁଛି। ଡ୍ୟାମ୍‌ର ଉପର ତଳ ଚାରିଆଡ଼େ ଦେଖିବାକୁ ମିଳିଛି ପ୍ରବଳ ଭିଡ଼। ସଫେଦ କୁହୁଡ଼ି ସାଙ୍ଗକୁ ଶୀତ, ତା' ସହ ମନୋରମ ଦୃଶ୍ୟ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଜମୁଛି। ଚଳିତ ବର୍ଷର ପ୍ରଥମ ଦିନ ବୁଧବାର ଥିବାରୁ ଲୋକଙ୍କ ମନରେ ଭୋଜି ପାଇଁ ଦେଖାଦେଇଛି ଅନେକ ଉତ୍ସାହ। କିନ୍ତୁ ଏହାରି ଭିତରେ ଡ୍ୟାମ୍‌ରେ ଦେଖାଦେଇଛି ବ୍ୟତିକ୍ରମ। ଭୋଜି ଭାତ ପାଇଁ ଉତ୍କୃଷ୍ଟ ସ୍ଥାନ ହୋଇଥିବା ବେଳେ ପିଇବା ପାଣି ସମସ୍ୟା ରହିଛି ଡ୍ୟାମ୍‌ରେ। ପରିଷ୍କାର ପରିଚ୍ଛନ୍ନ ରହୁ ନାହିଁ। ସନ୍ଧ୍ୟାବେଳେ ଘନ ଅନ୍ଧାର ସାଙ୍ଗକୁ କୁହୁଡ଼ି ମାଡ଼ି ଆସୁଛି। ଆଲୋକୀ କରଣ ବ୍ୟବସ୍ଥା ନାହିଁ। କି କୌଣସି ସୌନ୍ଦର୍ଯ୍ୟକରଣ ହୋଇନାହିଁ। ତେଣୁ ମନ କଷ୍ଟ ହେଉଛି। ତଥାପି ପୋଲିସ ପ୍ରଶାସନ ସଜାଗ ରହି ପଟ୍ରୋଲିଂ କରୁଛି। ଯାହା ଦେଖି ଆମକୁ ଖୁସି ଲାଗିଲା ବୋଲି କହିଛନ୍ତି ପର୍ଯ୍ୟଟକ। ଯଦି ଏହାର ସୌନ୍ଦର୍ଯ୍ୟ କରଣ କରାଯିବ। ଆଲୋକି କରଣ କରାଯିବ। ପିଇବା ପାଣି ପାଇଁ ନଳକୂପ କରାଯିବ। ଶେଲ୍ଟ ପଏଣ୍ଟ କରାଗଲେ ଲୋକେ ଆହୁରି ଆକୃଷ୍ଟ ହୁଅନ୍ତେ ବୋଲି ଅଭିଜିତ ଘୋଷ, ସୁନେଲି ବାନାର୍ଜୀ, ଆଲୋକ ମାଲୋହତ୍ର, ଶିବାନନ୍ଦ ଦୁବେ ପ୍ରମୁଖ କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଗୁମ୍ମା,୧।୧(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତ ଗାଇବା ଗ୍ରାମର ପୂର୍ବତନ ସରପଞ୍ଚ ଆନ୍ତୁନି ବେବର୍ତ୍ତାଙ୍କ ବୁଧବାର ପରଲୋକ ହୋଇଛି। କିଛି ଦିନ ହେଲା ସେ ଅସୁସ୍ଥ ଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେଇ ଚିକିତ୍ସା କରିବା ପରେ ସେ ସୁସ୍ଥ ହୋଇଥିଲେ। ତେବେ ହଠାତ୍ ଆନ୍ତୁନି ଡିସେମ୍ବର ୩୧ ରାତିରେ ଅସୁସ୍ଥ ଅନୁଭବ କରିଥିଲେ। ଆନ୍ତୁନି ସରପଞ୍ଚ ଥିବା ସମୟରେ ପଞ୍ଚାୟତରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ଶିକ୍ଷା ଉପରେ ସେ ସବୁବେଳେ ଅଧିକ ଧ୍ୟାନ ଦେଉଥିଲେ। ତାଙ୍କ କାର୍ଯ୍ୟ କାଳରେ ଗାଇବାରେ ମେଡିକାଲ ନିର୍ମାଣ ହୋଇଥିଲା। ଗାଇବା ହାଟବଜାର, ଅଙ୍ଗନୱାଡି ଓ ସାହି ସାହିକୁ ସିସିରୋଡ଼ କରି ସେ ଅଞ୍ଚଳର ଉନ୍ନତି କରିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏହା ଗ୍ରାମ ପାଇଁ ଅପୂରଣୀୟ କ୍ଷତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ହନୁମାନ ଚାଳିଶା ଲିଖନ ଗୁରୁତ୍ୱପୂର୍ଣ୍ଣ


ଉନ୍ମୋଚିତ ହୋଇଥିବା ହସ୍ତଲିଖିତ ହନୁମାନ ଚାଳିଶା।

ଆସିକା,୧।୧(ସୁରେନ୍ଦ୍ର ନାଥ ସାହୁ):

ଆସିକାସ୍ଥିତ ପ୍ରଣବ ଏଜୁକେଶନାଲ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ଅବସରରେ ବୁଧବାର ଟ୍ରଷ୍ଟ କାର୍ଯ୍ୟାଳୟଠାରେ ୨ଲକ୍ଷ ୨୫ହଜାର ହସ୍ତଲିଖିତ ଶ୍ରୀହନୁମାନ ଚାଳିଶା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟର ସଭାପତି ପ୍ରଣବ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ୨୦୧୪ରୁ ଏଯାଏ ୧୧ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଛାତ୍ରୀଛାତ୍ର ଏହି ହନୁମାନ ଚାଳିଶା ଲେଖି ପଠାଇଥିଲେ। ଛାତ୍ରୀଛାତ୍ରଙ୍କ ମାନସିକ, ବୌଦ୍ଧିକ, ଶାରିରୀକ ଏବଂ ସ୍ମୃତିଶକ୍ତିର ବିକାଶ ଲାଗି ହନୁମାନ ଚାଳିଶା ଲିଖନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କୁହାଯାଉଥିଲା। ଏହା ବିଶ୍ୱର ସର୍ବାଧିକ ହସ୍ତଲଖିତ ହନୁମାନ ଚାଳିଶା ସଂଗ୍ରହ ବୋଲି ଟ୍ରଷ୍ଟ ପକ୍ଷରୁ କୁହଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦକ ରବିନ୍ଦ୍ରନାଥ ପାତ୍ର, ପୂର୍ଣ୍ଣଚନ୍ଦ୍ର ରାୟଗୁରୁ, ସଚ୍ଚିଦାନନ୍ଦ ମହାନ୍ତି, ମନୋଜ କୁମାର ମୁନି, କିରଣ କୁମାର ପାଢୀ, ଧୀରେନ ପଣ୍ଡାଙ୍କ ସହ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ବିଦ୍ୟାଳୟ ନିକଟରୁ ମଦ ଦୋକାନ ହଟାଇବା ପାଇଁ ଦାବି

ସୋରଡ଼ା.୧।୧(ରଜନୀ ମହାପାତ୍ର)

ସୋରଡ଼ାରେ ବିଦ୍ୟାଳୟ ନିକଟ ଓ ଦେବାଳୟ ନିକଟରେ ଥିବା କିଛି ଦେଶୀ ଓ ବିଦେଶୀ ମଦ ଦୋକାନକୁ ହଟାଇବା ପାଇଁ ସରପଞ୍ଚ ସମେତ ଏଠାକାର ବାସିନ୍ଦା ଦାବି କରିଛନ୍ତି। ସୋରଡ଼ାରେ ଓମନି ସେଣ୍ଟ ପ୍ଲେ ସ୍କୁଲ ନିକଟରେ ଗୋଟିଏ ବିଦେଶୀ ମଦ ଦୋକାନ ଚାଲିଛି। ସେହିପରି ସୋରଡ଼ା ଏଡେଡ ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ଦେଶୀ ମଦ ଦୋକାନ ରହିଛି। ଏହା ସହ ସୋରଡ଼ା ପଞ୍ଚାନନ ଛକ ନିକଟରେ ଗୋଟିଏ ଦେଶୀ ମଦ ଦୋକାନ ଚାଲିଥିବା ବେଳେ ଏହା ରାଜ୍ୟ ସରକାରଙ୍କ ଅବକାରୀ ନିୟମକୁ ଉଲ୍ଲଂଘନ କରି ଚାଲିଥିବା ଅଭିଯୋଗ ହେଉଛି। ଅବକାରୀ ନିୟମ ଅନୁଯାୟୀ କୌଣସି ମଦ ଦୋକାନ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନର ୧୦୦ ମିଟର ଭିତରେ ଖୋଲାଯାଇ ପାରିବନାହିଁ। ଏହା ବାଦେ ସୋରଡ଼ାରେ ଏପରି ଅନେକ ମଦ ଦୋକାନ ଏହି ନିୟମକୁ ଉଲ୍ଲଂଘନ କରି ଚାଲିଛି। ଏପରିସ୍ଥଳେ ସୋରଡ଼ା ଅବକାରୀ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଏହା ପଛରେ ମୁଷ୍ଟିମେୟ ଲୋକଙ୍କ ହାତ ଥିବା ଜନସାଧାରଣ ଆଲୋଚନା କରୁଛନ୍ତି। ବଡ ବଡ ପଦଧିକାରୀଙ୍କ ଛାତ୍ରଛାୟା ତଳେ ମଦ ବ୍ୟବସାୟୀମାନେ ରହିଥିବାରୁ ସୋରଡାରେ ଅବକାରୀ ନିୟମର ଖୁଲମଖୁଲା ଉଲ୍ଲଂଘନ କରାଯାଉଛି। ଏହି ସବୁ ଜାଗାରେ ମଦ ଦୋକାନ ହେବା ଦ୍ୱାରା ଅନେକ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରତ୍ୟେହ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପତ୍ରସଂଖ୍ୟା ୨୯୮୭, ତାରିଖ ୩୦/୧୧ ଅନୁସାରେ ଗତ ୧୪ ତାରିଖ ସୁଦ୍ଧା ବିଭିନ୍ନ ଅଞ୍ଚଳରେ ଥିବା ପଞ୍ଚାୟତ ସମିତି, ଏନଏସି, ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ଅନ୍ୟମାନଙ୍କୁ ଏ ସମ୍ପର୍କରେ ଅଭିଯୋଗ ଦାଖଲ କରିବା ପାଇଁ କୁହାଯାଇଥିଲା। ସୋରଡ଼ାରେ ସୋରିଷାବିଲି ମୌଜା ପ୍ଲଟ ନମ୍ବର ୮୫୫/୪୯୮୯ ଜାଗାରେ ପୂର୍ବତନ ବିଧାୟକଙ୍କ ସ୍ୱର୍ଗତ ପିତା ମହାଦେବ ସ୍ୱାଇଁଙ୍କ ନାମରେ ଥିବା ଘରେ ବିଦେଶୀ ମଦ ଦୋକାନ ଚାଲିଛି, ଯାହା ଓମ୍ନିସେଣ୍ଟ ପ୍ଲେ ସ୍କୁଲ ନିକଟରେ ରହିଛି। ଏହି ସବୁ ମଦ ଦୋକାନ ଯୋଗୁ ପ୍ରତିଦିନ ବିଦ୍ୟାଳୟ ପରିବେଶ ସମେତ ପଞ୍ଚାନନ ମନ୍ଦିରକୁ ଆସୁଥିବା ହଜାର ହାଜର ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଲାଗୁଛି। ପ୍ରତିଦିନ ଏଠାରେ ମଦୁଆଙ୍କ ଭିଡ଼ ଦେଖିବାକୁ ମିଳୁଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏଠାରେ ଏକ ଶୈକ୍ଷିକ ବାତାବରଣ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାକୁ ସରପଞ୍ଚ ଦେବରାଜ ମଲିକ ସମେତ ଅଞ୍ଚଳବାସୀ ଦାବି କକରିଛନ୍ତି।

## ନୂଆବର୍ଷରେ ଭାଜପାର ମିଶ୍ରଣ ପର୍ବ

ଭଞ୍ଜନଗର,୧।୧(ବାବୁଲା ପ୍ରଧାନ)

ନୂଆବର୍ଷର ପ୍ରଥମ ଦିନ ବୁଧବାର ଭଞ୍ଜନଗର ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ପ୍ରବଳ ଭିଡ଼ ହୋଇଥିଲା। ବିଶେଷକରି ବେଲେଶ୍ୱର ପୀଠ ଏବଂ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନକୁ ହଜାର ହଜାର ଲୋକ ବୁଲି ଆସି ଖୁସି ମନାଇଥିଲେ। ଅନ୍ୟପଟେ ନୂଆବର୍ଷରେ ଶୁଭେଚ୍ଛା ଜଣାଇବା ପାଇଁ ରାଜନେତାମାନଙ୍କ ପାଖରେ ମଧ୍ୟ ଗହଳି ଦେଖିବାକୁ ମିଳିଥିଲା। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ତାଙ୍କର ବହୁ ସମର୍ଥକ ଭେଟି ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏ ନେଇ ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକ ବଙ୍ଗଳାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଭାଜପା ନେତା ଶିବ ଶଙ୍କର ପ୍ରଧାନ, କୁବେର ପ୍ରଧାନ, ଲେଲିନ ରାଉତ ପ୍ରମୁଖ ସହଯୋଗ କରିଥିଲେ।


ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ନେତା ଓ କର୍ମୀ ଶୁଭେଚ୍ଛା ଜଣାଉଛନ୍ତି।

ଭଞ୍ଜନଗର ବ୍ଲକ ଦୋମୁହାଁଣି ପଞ୍ଚାୟତ ଅନ୍ତର୍ଗତ ରାଇଗୋଛ ଗ୍ରାମର ଗୌଡ଼ କୁଳର ସଭାପତି ବଟକୃଷ୍ଣ ଗୌଡ଼ ଏବଂ ତାଙ୍କ ସମର୍ଥକ ଏହି ଅବସରରେ ଭାଜପାରେ ମିଶିଥିଲେ। ବିଧାୟକ ନାୟକ ସେମାନଙ୍କୁ ଫୁଲତୋଡା ଦେଇ ଦଳକୁ ସ୍ୱାଗତ କରିଥିଲେ। ଯୁବନେତା ସୁଶାନ୍ତ ଗୌଡ଼, ରବିନ୍ଦ୍ର ମଲ୍ଲିକ, ସୁବାଷ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ଲିଟୁ ସାହୁ, ବାଳକୃଷ୍ଣ ଗୌଡ଼, ବିଜୟ ମିଶ୍ର ଓ ଆଇନଜୀବୀ ରଜତ ଦାଶ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ମଧ୍ୟ ତାଙ୍କ ସମର୍ଥକମାନେ ଅଗଖୋଳସ୍ଥିତ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇ ଥିଲେ। ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର,ଉପଜିଲାପାଳ ଅନିଲ ସେଠୀ, ଡିଏଫଓ ବିନୋଦ ଆଚାର୍ଯ୍ୟ ପ୍ରମୁଖ ଅଧିକାରୀଙ୍କୁ ଲୋକେ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଛତ୍ରପୁର,୧।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତା ରାଉତଙ୍କ ସଭାପତିତ୍ୱରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଛତ୍ରପୁର ନ୍ୟୁ ପୋଲିସ ଲାଇନ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଛାୟାମୟୀ ଆଚାର୍ଯ୍ୟଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିଲାଗି ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟି ଯୋଗଦେଇ ଶିକ୍ଷୟିତ୍ରୀ ଆଚାର୍ଯ୍ୟଙ୍କୁ ଚୂଡାନ୍ତ ପେନ୍‌ସନ କାଗଜପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଯୁକ୍ତା ରଥଙ୍କ ସହ ବରିଷ୍ଠ ସହାୟକ ଦୁର୍ଗା ପ୍ରସାଦ ଶତପଥୀ ଉପସ୍ଥିତ ଥିଲେ।

## ର୍‍ୟାଙ୍କିଙ୍ଗରେ ତଳକୁ ଖସିଲା ଏସ୍‌ଏସ୍‌ଡି ବିଦ୍ୟାଳୟ

ରାୟଗଡ,୧।୧(ଜ୍ୟୋତିପ୍ରସାଦ ପାଣି)

ଓଡିଶାର ଏସ୍‌ଏସ୍‌ଡି ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସ୍କୁଲ ମଧ୍ୟରୁ ୫୦ଟି ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଚୟନ କରି ଡିସେମ୍ବର ୨୦ରେ ପୁରସ୍କୃତ କରାଯାଇଛି। ତେବେ ବିଭାଗର ୫୦ଟି ଶ୍ରେଷ୍ଠ ବିଦ୍ୟାଳୟ ମଧ୍ୟରେ ଲକ୍ଷ୍ମୀପୁର କନ୍ୟାଶ୍ରମ, କଇଁପୁର ଉଚ୍ଚ ବିଦ୍ୟାଳୟ ଓ ରାୟଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ବ୍ଲକର ଏହି ୩ଟି ବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇ ଥିବାବେଳେ ରାୟଗଡସ୍ଥିତ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଙ୍କିଙ୍ଗରେ ସର୍ବନିମ୍ନରେ ରହି ତଳକୁ ଖସିଆସିଛି। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୧୦ ବର୍ଷ ମଧ୍ୟରେ ଉକ୍ତ ବିଦ୍ୟାଳୟ ଏକାଧିକ ଥର ଉତ୍ତମ ରାଙ୍କିଙ୍ଗରେ ସ୍ଥାନ ପାଇ ପୁରସ୍କୃତ ହୋଇଥିବା ବେଳେ ଚଳିତ ବର୍ଷ ରାଙ୍କିଙ୍ଗରେ ତଳକୁ ଖସିଯିବା ଶିକ୍ଷାବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଦ୍ୟାଳୟରେ ଜଣେ ଅଭିଜ୍ଞତାସମ୍ପନ୍ନ ପ୍ରଧାନଶିକ୍ଷକ ନ ଥିବାରୁ ଏପରି ହୋଇଥିବା ମତ ପ୍ରକାଶ ପାଇଛି।

ବିଦ୍ୟାଳୟର ଆନୁସାଙ୍ଗିକ ବ୍ୟବସ୍ଥା, ପାଠପଢା ଏବଂ ମ୍ୟାଟ୍ରିକ ବୋର୍ଡ ପରୀକ୍ଷା ଫଳାଫଳକୁ ନେଇ ବିଦ୍ୟାଳୟଗୁଡିକର ରାଙ୍କିଙ୍ଗ ଚୟନ କରାଯାଇଥାଏ। ତେବେ ୫୦ତମ ରାଙ୍କିଙ୍ଗ ମଧ୍ୟରେ ରାୟଗଡ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ଥାନ ରହିବା ସନ୍ତୋଷଜନକ ନୁହେଁ ବୋଲି ଆଲୋଚନା ହେଉଛି। ରାଜ୍ୟସ୍ତରୀୟ ରାଙ୍କିଙ୍ଗରେ ୫୦ରୁ ୨୨ତମ ସ୍ଥାନରେ ଓ ଜିଲା ସ୍ତରରେ ସ୍ଥାନିତ ଦଶଟି ମଧ୍ୟରୁ ଅଷ୍ଟମ ସ୍ଥାନରେ ଓ ବ୍ଲକ ସ୍ତରରେ ତିନୋଟି ମଧ୍ୟରୁ ସର୍ବନିମ୍ନ ସ୍ତରରେ ବିଦ୍ୟାଳୟ ସ୍ଥାନ ପାଇଛି। ଗତ ଦିନମାନଙ୍କରେ ରାୟଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସବୁବେଳେ ରାଙ୍କିଙ୍ଗରେ ଉଚ୍ଚ ସ୍ଥାନରେ ରହେ। ଚଳିତ ବର୍ଷ ସର୍ବ ନିମ୍ନସ୍ତରରେ ରହିଛି। ବ୍ଲକର ଅନ୍ୟ ଦୁଇ ସ୍କୁଲ ଲକ୍ଷ୍ମୀପୁର କନ୍ୟାଶ୍ରମ ବ୍ଲକରେ ପ୍ରଥମ, ଜିଲାରେ ଚତୁର୍ଥ ଏବଂ ରାଜ୍ୟରେ ନବମତମ ସ୍ଥାନ ପାଇଥିବା ବେଳେ କଇଁପୁର ଉଚ୍ଚ ବିଦ୍ୟାଳୟ ବ୍ଲକ ସ୍ତରରେ ଦ୍ୱିତୀୟ,ଜିଲା ସ୍ତରରେ ପଞ୍ଚମ ଏବଂ ରାଜ୍ୟ ସ୍ତରରେ ଦଶମତମ ର୍‍ୟାଙ୍କରେ ସ୍ଥାନ ପାଇଛି। କେତେକ ଅଭିଭାବକ ରାୟଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ସାହୁକାର ବିଦ୍ୟାଳୟର ଭିତ୍ତିଭୂମି, ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ନାଚକୁଦ ଓ ଖେଳ ପ୍ରତି ଅଧିକ ଧ୍ୟାନ ଦେଇ ପିଲାମାନଙ୍କ ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ଆଇଟିଡିଏ ହାତରେ ଛାଡି ପିଲାଙ୍କ ମ୍ୟାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ପ୍ରତି ପ୍ରଧାନ ଶିକ୍ଷକ ଗୁରୁତ୍ୱ ଦିଅନ୍ତୁ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ସାହୁକାରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

## ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ

ପାରଳାଖେମୁଣ୍ଡି,୧।୧(ଗିରିଧାରୀ ପରିଛା)

ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଜାନୁୟାରୀ ୧ରୁ ୭ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏହି ଅବସରରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଡ଼କ ସୁରକ୍ଷା ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଜିଲାପାଳ ବିଜୟ କୁମାର ଦାସ ସବୁଜ ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରିଛନ୍ତି। ଏହି ରଥ ଗଜପତି ଜିଲାର ୭ଟିଯାକ ବ୍ଲକ ବୁଲି ଜନସାଧାରଣଙ୍କୁ ସଚେତନ କରି ସଡକ ସୁରକ୍ଷା ବାର୍ତ୍ତା ଦେବ। ସଡକ ସୁରକ୍ଷା ବାର୍ତ୍ତା ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସମ୍ପୃକ୍ତ ଜିଲାର ପ୍ରତି ଗ୍ରାମରେ ଦାସକାଠିଆ ଓ ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ମୁଖ୍ୟତଃ ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର କରିବା, ଦ୍ରୁତ ବେଗରେ ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ପାଳନ କରିବା, ସିଟ ବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନରେ କଥା ନ ହେବା ନେଇ ଲୋକଙ୍କୁ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ ଦାସଙ୍କ ସହ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


ସଚେତନତା ରଥକୁ ଜିଲାପାଳ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

# ଗୋଟିଏ ବିଭାଗକୁ ନେଇ ଆରମ୍ଭ ହୋଇଥିଲା ପାଠପଢ଼ା

ବ୍ରହ୍ମପୁର,୧।୧(ଅଶୋକ କୁମାର ସାହୁ)

ଗୁରୁବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ। ଦକ୍ଷିଣ ଓଡ଼ିଶା ଶିକ୍ଷାମାନଚିତ୍ରରେ ଏହି ବିଶ୍ୱବିଦ୍ୟଳୟର ଗୌରବ ରହିଛି। ୧୯୬୭ ଜାନୁଆରୀ ୨ ତାରିଖରେ ପ୍ରତିଷ୍ଠିତ ଏହି ବିଶ୍ୱବିଦ୍ୟାଳୟ ଶ୍ରମ ଓ ସମାଜ ମଙ୍ଗଳ ବିଭାଗକୁ ନେଇ ଆରମ୍ଭ କରିଥିଲା ତା'ର ପାଠପଢ଼ା। କିନ୍ତୁ ଆଜି ୨୪ ବିଷୟରେ ସ୍ନାତକୋତ୍ତର ଶିକ୍ଷାଦାନ କରୁଛି। କେତେକ ନିଜସ୍ୱ ସମ୍ବଳଭିତ୍ତିକ ପାଠ୍ୟକ୍ରମ ପ୍ରଚଳନ କରିଛି। ପ୍ରତିଯୋଗିତାମୂଳକ ବିଶ୍ୱର ମୁକାବିଲା ପାଇଁ ବୃତ୍ତିଗତ ଓ ନିଯୁକ୍ତିଭିତ୍ତିକ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି। ପ୍ରତ୍ୟେକ ବିଭାଗରେ ଦୁଇଟି ମୂଲ୍ୟୋପଯୋଗୀ ପାଠ୍ୟକ୍ରମ ସ୍ଥାନିତ କରାଯାଇଛି। ଛାତ୍ରୀଛାତ୍ର ନୂତନ ପାଠ୍ୟକ୍ରମରେ ଅଭ୍ୟସ୍ତ ହେବା ପାଇଁ ସ୍ୱୟଂ ଏବଂ ମାସିଭ୍ ଓପନ ଅନ୍‌ଲାଇନ ପାଠ୍ୟକ୍ରମର ସୁବିଧା ମଧ୍ୟ ପ୍ରଦାନ କରାଯାଇଛି। ୨୦୨୪ରୁ ନୂତନ ଶିକ୍ଷାନୀତି ଆଧାରିତ ପାଠ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ସେହିପରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପାଇଁ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ଏନ୍‌ଆଇଆର୍‌ଏଫ୍‌ରେ ମଧ୍ୟ ସ୍ଥାନ ପାଇଛି। ୱାଇଫାଇ ପାଇଁ ୬.୭୧ କୋଟି ମଞ୍ଜୁର

## ଆଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ସଜେଇ ହୋଇଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

ହୋଇଛି। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପକ୍ଷରୁ ଗବେଷଣା ପାଇଁ ୧୦୦ କୋଟି ମଞ୍ଜୁର ହୋଇଛି। ମାନବ ସମ୍ବଳ ବିକାଶ କେନ୍ଦ୍ର ମାଲବ୍ୟ ମିଶନକୁ ଶିକ୍ଷକ ତାଲିମ କେନ୍ଦ୍ରର ମାନ୍ୟତା ମିଳିଛି। ପ୍ରତିଷ୍ଠା ଉତ୍ସବ ପୂର୍ବରୁ ବୁଧବାର ଅନୌପଚାରିକ ଆଲୋଚନା ବେଳେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଏହି ସୂଚନା ଦେଇଛନ୍ତି। ଏଠାରେ କାର୍ଯ୍ୟରତ ଶିକ୍ଷକମାନଙ୍କର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ରହିଛି। ବହୁ ଶିକ୍ଷକ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପ୍ରତିଷ୍ଠିତ ପତ୍ରପତ୍ରିକାରେ ଉଚ୍ଚକୋଟିର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ କରି ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଚଳିତ ଶିକ୍ଷାବର୍ଷରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅନେକ କେନ୍ଦ୍ରୀୟ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଠାକାର ଗ୍ରନ୍ଥାଗାରରେ ୧,୫୩,୭୫୩ରୁ ଅଧିକ ପୁସ୍ତକ, ୫୩ରୁ ଅଧିକ ପ୍ରିଣ୍ଟିଂ ପତ୍ରିକା, ୨୯୬୭ ଗବେଷଣାତ୍ମକ ନିବନ୍ଧ, ବିଜ୍ଞାନ ଆଦି ରହିଛି। ଡିଜିଟାଲ ଲାଇବ୍ରେରୀ ବି କରାଯାଇଛି। କଳା, ସଂସ୍କୃତି, କ୍ରୀଡା, ଗବେଷଣା, ଡିଜିଟାଲ ଆଦି ବିଭିନ୍ନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଚେଷ୍ଟା ଜାରି ରହିଛି। ସବୁଠୁ ବଡକଥା ହେଲା ଦେଶୀୟ ପୋଷାକ ପରିଚ୍ଛେଦକୁ ଗୁରୁତ୍ୱ ପ୍ରଦାନ କରାଯାଇ ପ୍ରତ୍ୟେକ ଶୁକ୍ରବାର ବିଶ୍ୱବିଦ୍ୟାଳୟ କର୍ମଚାରୀ ଖଦୀ ପୋଷାକ ପିନ୍ଧିବାର ପ୍ରଚେଷ୍ଟା କରାଯାଇଛି। ପରିବେଶକୁ ମୁକ୍ତ ରଖିବାକୁ ପ୍ରତି ଶନିବାର ପେଟ୍ରୋଲ ଓ ଡିଜେଲ ଚାଳିତ ଯାନକୁ ନିଷେଧ କରାଯାଇଛି। ସେହିପରି ଜାତୀୟ ସେବା ଯୋଜନା ଜରିଆରେ ବହୁ ଜନହିତକର କାର୍ଯ୍ୟ କରାଯାଇଛି। ୧୫ ହଜାର ୪୦୦ ସଦସ୍ୟ ଉକ୍ତ ସଂସ୍ଥାରେ ଅଛନ୍ତି। ଏଥିସହିତ ଚାରାରୋପଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ସଚେତନତା ସୃଷ୍ଟି କରାଯାଉଛି। କ୍ରୀଡା ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରତିଯୋଗୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସ୍ଥାନକୁ ପଠାଯାଉଛି। କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି କୁଳପତି ପ୍ରକାଶ କରିଛନ୍ତି। ଗତବର୍ଷ କୁଳପତିଙ୍କୁ ସମ୍ମାନଜନକ ବିଜିନେସ ୱାର୍ଲଡ ମହିଳା ସମ୍ମାନ ମିଳିଛି। ବିଶ୍ୱବିଦ୍ୟାଳୟକୁ କିଭଳି ଗୁଣାତ୍ମକ ଶିକ୍ଷାରେ ଉନ୍ନତ କରାଯିବ ସେ ନେଇ ସମସ୍ତଙ୍କ ଲକ୍ଷ୍ୟ ରହିବ ବୋଲି କହିଛନ୍ତି।

## ୫୯ତମ ପ୍ରତିଷ୍ଠା ଦିବସ ତଦାରଖ କଲେ କୁଳପତି

ବ୍ରହ୍ମପୁର,୧।୧(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୫୯ତମ ପ୍ରତିଷ୍ଠା ଦିବସ ଗୁରୁବାର ଭଞ୍ଜବିହାର ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ହେବ। ବୁଧବାର ସନ୍ଧ୍ୟାରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ସଚ୍ଚିଦାନନ୍ଦ ନାୟକ ପହଞ୍ଚି ସଭା ସ୍ଥଳ ପରିଦର୍ଶନ କରିବା ସହ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟବକ୍ତା ଭାବେ ଚିଫ ଇନଫରମେଶନ କମିଶନର ଓଡିଶାର ସୁନୀଲ କୁମାର ମିଶ୍ର ଯୋଗ ଦେବା ସହ ଦୁଇଟି କୋଠା ଉଦ୍‌ଘାଟନ, ଚାରାରୋପଣ, ପୁସ୍ତିକା ଉନ୍ମୋଚନ, ପୁରସ୍କାର ବିତରଣ ଆଦି କାର୍ଯ୍ୟକ୍ରମ ରହିଥିବା କୁଳପତି ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରତିଷ୍ଠା ଦିବସ ପାଇଁ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା, ପିଜି କାଉନସିଲ ଅଫିସ, ସଭାସ୍ଥଳ, ଭଞ୍ଜ ପ୍ରତିମୂର୍ତ୍ତି ଆଦିରେ ରଙ୍ଗ ଦେବା ସହ ଆଲୋକରେ ସଜାଯାଇଛି।

## ମିଳିମିଶି କାମ କରିବାକୁ ପରାମର୍ଶ

ବ୍ରହ୍ମପୁର,(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ବୁଧବାର ନୂତନ ବର୍ଷ ଅବସରରେ ଶିକ୍ଷକ, ଅଣ ଶିକ୍ଷକ ଓ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ କୁଳପତି ସମସ୍ତ କର୍ମଚାରୀଙ୍କୁ ନବ ବର୍ଷର ଶୁଭେଚ୍ଛା ଜଣାଇବା ସହ ଆରୋଗ୍ୟ କାମନା କରିଥିଲେ । ତାହାସହ ସମସ୍ତେ ମିଳିମିଶି କାମ କରି ବିଶ୍ୱବିଦ୍ୟାଳୟର ଗୌରବ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଯୁଗ୍ମ କୁଳସଚିବ ଡ଼. ବାବୁଜୀ ସାମଲ, ଡ଼. ଶଙ୍କର ମାଝୀ, ଡ଼. ମିହିର କୁମାର ତ୍ରିପାଠୀ, ସୂର୍ଯ୍ୟ ପ୍ରକାଶ, ଦେବୀ ବେହେରା, ଭୀମରାଜ ରେଡ୍ଡୀ, ଏସ. କ୍ରୀଷ୍ଣା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ୩ ଭାଇ ଗିରଫ

ବ୍ରହ୍ମପୁର,୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କୁ ଠେଙ୍ଗାରେ ସଂଘବଦ୍ଧ ଆକ୍ରମଣ ସହ ବନ୍ଧୁକ ଦେଖାଇ ଭୟଭୀତ କରିବା ଅଭିଯୋଗରେ ସଦର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତିନି ଭାଇ ବିକ୍ରମ ଗୌଡ, ସଂଗ୍ରାମ ଗୌଡ ଓ ସମୀର ଗୌଡ। ମାମଲା ନଂ. ୪୪୫/୨୪ରେ ସମସ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ବାଳକୃଷ୍ଣପୁର ଗ୍ରାମର ଦିଲ୍ଲୀପ ଗୌଡ ଓ ତାଙ୍କ ସାନଭାଇଙ୍କ ସହ ଅଭିଯୁକ୍ତମାନଙ୍କ ମଧ୍ୟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଝଗଡା ଲାଗି ରହିଥିଲା। ତାହାର ସମାଧାନ ପାଇଁ ୨ ଦିନ ତଳେ ଅଭିଯୁକ୍ତମାନେ ଦିଲୀପ ଓ ତାଙ୍କ ଭାଇଙ୍କୁ ଗାଁ ନିକଟ ପାହାଡ ତଳକୁ ଡାକିଥିଲେ। ଦିଲୀପ ଓ ତାଙ୍କ ଭାଇ ସେଠାରେ ପହଞ୍ଚିବା ପରେ ସେମାନେ ଦୁଇଭାଇଙ୍କୁ ସେଠାରେ ଗାଳିଗୁଲଜ କରି ପରେ ସଂଘବଦ୍ଧ ଭାବେ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହା ଜାଣିବା ପରେ ଦିଲ୍ଲୀପଙ୍କ ମା' ଲକ୍ଷ୍ମୀ ଗୌଡ ତାଙ୍କ ନାତି ସହ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଥାନାରେ ଅଭିଯୋଗ କଲେ ପରିବାରକୁ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ପରେ ଲକ୍ଷ୍ମୀ ତାଙ୍କର ୨ ପୁଅଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଆହତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଶଶିଭୂଷଣ ରଥଙ୍କ ଜୟନ୍ତୀ ପାଳିତ


ଭାଷା ଆନ୍ଦୋଳନ ପକ୍ଷରୁ ଶଶିଭୂଷଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ବ୍ରହ୍ମପୁର,୧।୧(ସ୍ମୃତି ରଞ୍ଜନ ମହାଲିକ)

ଓଡିଆ ଭାଷା ଆନ୍ଦୋଳନ ପକ୍ଷରୁ ବୁଧବାର ଶଶିଭୂଷଣ ରଥଙ୍କ ୧୪୧ତମ ଜୟନ୍ତୀ ଶଶିଭୂଷଣ ରଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ଶଶିଭୂଷଣ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଆୟୋଜିତ ଏକ ସଭାରେ ଭାଷା ତପସ୍ୱୀ ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ହରେକୃଷ୍ଣ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଅଧାପକ ଶାନ୍ତନୁ କୁମାର ସୁନା ସ୍ୱାଗତ ସୂଚନା ଦେଇଥିଲେ। ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓ ଏସ୍‌ଏମ୍‌ଆଇଟି ସଭାପତି ଡ. ଭଗବାନ ଗନ୍ତାୟତ ଯୋଗଦେଇ ଶଶିଭୂଷଣଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ପୁରୁଣା ବସଷ୍ଟାଣ୍ଡଠାରେ ଥିବା ଶଶିଭୂଷଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭାଷା ଆନ୍ଦୋଳନର ଉପସଭାପତି ଗୌରୀ ଶଙ୍କର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭିକାରୀ ଗୌଡଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ପୁରୁଣା ବସଷ୍ଟାଣ୍ଡସ୍ଥିତ ଶଶୀଭୂଷଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ସଂଘର ସଭାପତି ଡା. ଶଙ୍କର୍ଷଣ ପାତ୍ର, ସମ୍ପାଦକ ମହମ୍ମଦ ଆସଲାମ, ବରିଷ୍ଠ ସଦସ୍ୟ ମାନସ ରଞ୍ଜନ ପାତ୍ର, ଆମ୍ବେଡକର ସ୍ମୃତି ସଂସଦର ସମ୍ପାଦକ ପଦ୍ମ ଚରଣ ନାୟକ ଓ ଟି.ସୁଦେଶ ପାତ୍ରଙ୍କ ସହ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।




























See Career Appointment on every Wednesday & Saturday

